**ଓଡ଼ିଶା ରାଜ୍ୟ**

**ବନାମ**

**ଏମ୍. ଏ. ତୁଲୋଚ୍ ଆଣ୍ଡ କୋ.**

**[କେ. ସୁବ୍ବା ରାଓ, ଜେ. ସି. ଶାହ ଏବଂ ଏସ୍. ଏମ୍. ସିକ୍ରି, ନ୍ୟାୟମୂର୍ତ୍ତି ବୃନ୍ଦ]**

*ବିକ୍ରୟ ଟିକସ - ପଞ୍ଜୀକୃତ ବ୍ୟବସାୟୀଙ୍କୁ ବିକ୍ରୟ - ଛାଡ଼ ପାଇଁ ଦାବି - ନିୟମ* 27 (2) *ଅନୁଯାୟୀ ଘୋଷଣା ଉପସ୍ଥାପନ ବାଧ୍ୟତାମୂଳକ କି - ଓଡ଼ିଶା ବିକ୍ରୟ ଟିକସ ଅଧିନିୟମ,* 1947 *(ଓଡ଼ିଶା* 14/1947), *ଧାରା* 5(2)(a)(ii), *ଓଡ଼ିଶା ବିକ୍ରୟ ଟିକସ ନିୟମ,* 1947 *ନିୟମ* 27 (2)-*ଓଡ଼ିଶା ବିକ୍ରୟ ଟିକସ (ସଂଶୋଧନ)* ଅଧିନିୟମ *(ଓଡ଼ିଶା* 10/1957) ।

ବିକ୍ରୟ ଟିକସ ଅଧିକାରୀଙ୍କ ଦ୍ୱାରା ମୂଲ୍ୟାଙ୍କନ ଆଦେଶ ପାରିତ ହୋଇଥିଲା ଯାହା ଜଣେ ପଞ୍ଜୀକୃତ ବ୍ୟବସାୟୀଙ୍କୁ ବିକ୍ରି ହୋଇଥିବା ସାମଗ୍ରୀ ସମ୍ବନ୍ଧରେ ଓଡ଼ିଶା ବିକ୍ରୟ ଟିକସ ଅଧିନିୟମ 5(2)(a)(ii) ଅଧୀନରେ ପ୍ରତିବାଦୀ ବ୍ୟବସାୟୀଙ୍କ ଦ୍ୱାରା ଦାବି କରାଯାଇଥିବା ଦୁଇଟି ପରିମାଣର ଛାଡ଼କୁ ଅନୁମତି ଦେଇଥିଲା ପ୍ରତିବାଦୀ ବ୍ୟବସାୟୀ ମୂଲ୍ୟାଙ୍କନ ଅଧାରକୁ ପ୍ରାସଙ୍ଗିକ ନଥିବା ଆପତ୍ତି କରି ସହକାରୀ ବିକ୍ରୟ କର ଅଧିକାରୀଙ୍କ ନିକଟରେ ଆବେଦନ ଦାଖଲ କରିଥିଲେ ଏବଂ ସେହି ନିଷ୍ପତ୍ତି ବିରୁଦ୍ଧରେ ବ୍ୟବସାୟୀଙ୍କ ଦ୍ୱାରା ପୁନରୀକ୍ଷଣ ଦାୟର କରାଯାଇଥିଲା । ପୁନରୀକ୍ଷଣ ବିଚାରାଧୀନ ଥିବାବେଳେ ଓଡ଼ିଶା ବିକ୍ରୟ ଟିକସ ଅଧିନିୟମକୁ ଓଡ଼ିଶା ବିକ୍ରୟ ଟିକସ (ସଂଶୋଧନ) ଅଧିନିୟମ (ଓଡ଼ିଶା ଅଧିନିୟମ, 10/1957) ଦ୍ୱାରା ସଂଶୋଧନ କରାଯାଇଥିଲା ଯାହାର ଫଳସ୍ୱରୂପ ବିକ୍ରୟ ଟିକସ ନ୍ୟାୟାଧିକରଣ ପୁନରୀକ୍ଷଣକୁ ଆବେଦନ ଭାବରେ ବିବେଚନା କରିଥିଲେ ଏବଂ ଏହା ସରକାରଙ୍କୁ ପାଲଟା-ଆପତ୍ତି ଦାଖଲ କରିବାକୁ ସକ୍ଷମ କରିଥିଲେ । ତଦନୁସାରେ, ଓଡ଼ିଶା ବିକ୍ରୟ ଟିକସ ନିୟମ, 1947 ର ନିୟମ 27 (2) ଅଧୀନରେ ବ୍ୟବସାୟୀ ଆବଶ୍ୟକ ଅନୁଯାୟୀ କୌଣସି ଘୋଷଣା ଉପସ୍ଥାପନ କରିନଥିବା ଆଧାରରେ ରାଜ୍ୟ ଏହି ଛାଡ଼କୁ ଆହ୍ୱାନ କରି ପାଲଟା-ଆପତ୍ତି ଦାଖଲ କରିଥିଲେ । ନ୍ୟାୟାଧିକରଣ ଏହି ଆପତ୍ତିଟିକୁ ସମର୍ଥନ କରିଥିଲେ ଏବଂ ନୂତନ ମୂଲ୍ୟାଙ୍କନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାମଲାର ବିବୃତି ଉପରେ, ଉଚ୍ଚ ନ୍ୟାୟାଳୟ ଉତ୍ତର ଦେଲେ ଯେ ମୂଲ୍ୟାଙ୍କନ ଅଧିକାରୀ ଛାଡ଼କୁ ଅନୁମତି ଦେଇ ଭୁଲ କରିନଥିଲେ । ସ୍ୱତନ୍ତ୍ର ଅନୁମତି ଦ୍ୱାରା ଆବେଦନରେ) ।

*ବିଚାର କରିଛନ୍ତି:* (i) ଧାରା 5(2)(a)(ii) ରେ ଏପରି କିଛି ନାହିଁ ଯାହା ଜଣେ ବିକ୍ରୟ ବ୍ୟବସାୟୀଙ୍କୁ ଛାଡ଼ରୁ ବଞ୍ଚିତ କରେ, କିନ୍ତୁ ଯଦି ସର୍ତ୍ତାବଳୀରେ ଦିଆଯାଇଥିବା ଆକସ୍ମିକତା ଘଟେ, ତେବେ ଦ୍ରବ୍ୟର ମୂଲ୍ୟ କ୍ରୟ ବ୍ୟବସାୟୀଙ୍କ ଟିକସଯୋଗ୍ୟ କାରବାରରେ ଅନ୍ତର୍ଭୁକ୍ତ ହେବ ।

(ii) ଛାଡ଼ ଦାବି କରିବା ସମୟରେ ଜଣେ ବିକ୍ରୟ ବ୍ୟବସାୟୀଙ୍କ ତରଫରୁ ନିୟମ 7(2) ଅନୁଯାୟୀ ଏକ ଘୋଷଣାନାମା ଉପସ୍ଥାପନ କରିବା ସର୍ବଦା ବାଧ୍ୟତାମୂଳକ ନୁହେଁ । କାରବାରକୁ ଧାରା 5 (2)(a)(ii) ର ପରିସର ମଧ୍ୟରେ ଆଣିବା ପାଇଁ ଅନ୍ୟ ପ୍ରମାଣ ଯୋଗ କରି ଛାଡ଼ ଦାବି କରିବା ତାଙ୍କ ପାଇଁ ଉନ୍ମୁକ୍ତ ଅଟେ । ନିୟମ 27 (2) କୁ ଧାରା ସହିତ ସମନ୍ୱୟ ହେବା ଉଚିତ୍ ଏବଂ ଏହି ନିୟମକୁ ସମନ୍ୱୟ କରି ନିର୍ଦ୍ଦେଶିକା ଭାବରେ ବିବେଚନା କରାଯାଇପାରିବ । କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଏହି ନିୟମକୁ ବ୍ୟାପକ ଭାବେ ପାଳନ କରାଯିବା ଆବଶ୍ୟକ । ବିକ୍ରୟ-ଟିକସ ଅଧିକାରୀ ସନ୍ତୁଷ୍ଟ ହେବା ଉଚିତ ଯେ, ବାସ୍ତବରେ, କ୍ରୟ ବ୍ୟବସାୟୀଙ୍କ ପଞ୍ଜୀକରଣ ପ୍ରମାଣପତ୍ରରେ ଆବଶ୍ୟକ ବିବୃତି ରହିଛି, ଏବଂ ଯଦି ସେ ଏହା ବିଷୟରେ କୌଣସି ସନ୍ଦେହ କରନ୍ତି, ତେବେ ବିକ୍ରୟ ବ୍ୟବସାୟୀ ତାଙ୍କ ସନ୍ଦେହକୁ ମୋଚନ / ଦୂର କରିବା ଆବଶ୍ୟକ । କିନ୍ତୁ ଯଦି ସେ ନଥିରେ ଥିବା ଅନ୍ୟ ତଥ୍ୟରୁ ସନ୍ତୁଷ୍ଟ ହୁଅନ୍ତି, ତେବେ ଏହା ଆବଶ୍ୟକ ନୁହେଁ ଯେ ବିକ୍ରୟ ବ୍ୟବସାୟୀ ଏକ ଛାଡ଼ ପାଇବାକୁ ହକଦାର ହେବା ପୂର୍ବରୁ ନିୟମ 27 (2) ରେ ଥିବା ଆବଶ୍ୟକ ଫର୍ମରେ ଏକ ଘୋଷଣା ଉପସ୍ଥାପନ କରିବା ଉଚିତ୍ ।

*ସଦସ୍ୟ ବିକ୍ରୟ-ଟିକସ ନ୍ୟାୟାଧିକରଣ, ଓଡ଼ିଶା ବନାମ ମେସର୍ସ ଏସ୍. ଲାଲ୍ ଆଣ୍ଡ କୋ.* (1961) 12 ଏସ୍.ଟି.ସି. 25,ରେ ଉଲ୍ଲେଖ କରାଯାଇଛି ।

**ଦେୱାନୀ ଆବେଦନ ଅଧିକାରିତା** :ଦେୱାନୀ ଆବେଦନ ସଂଖ୍ୟା 507-508/1963 । ସ୍ୱତନ୍ତ୍ର କ୍ଷେତ୍ରାଧିକାର ମାମଲା ସଂଖ୍ୟା 38 ଏବଂ 39/1958 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର 4 ନଭେମ୍ବର,1950 ତାରିଖର ରାୟ ଏବଂ ଆଦେଶରୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଆବେଦନ ।

ଆବେଦନକାରୀଙ୍କ ପାଇଁ (ଉଭୟ ଆବେଦନରେ) *ଆର୍. ଗଣପତି ଆୟର ଏବଂ ଆର୍.ଏନ୍. ସଚଥେ।*

ପ୍ରତିବାଦୀଙ୍କ ପାଇଁ (ଉଭୟ ଆବେଦନରେ) *ବି. ସେନ୍ ଏବଂ ଏସ୍. ଏନ୍. ମୁଖାର୍ଜୀ*

ଏପ୍ରିଲ 21, 1964 । ନ୍ୟାୟାଳୟଙ୍କର ରାୟ ସିକ୍ରି, ନ୍ୟାୟାଧୀଶଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା –

ପ୍ରତିବାଦୀ, ଏଠାରେ ବ୍ୟବସାୟୀ ଭାବରେ ସୂଚିତ, ଓଡ଼ିଶା ବିକ୍ରୟ ଟିକସ ଅଧିନିୟମ (ଓଡ଼ିଶା ଅଧିନିୟମ XIV/1947)(ଏହା ପରେ ଅଧିନିୟମ ଭାବରେ ସୂଚିତ) ଅଧୀନରେ, ଶେଷ ହୋଇଥିବା ତିନି ମାସ ପାଇଁ ଜୁନ୍ 30,1951 ରେ ଏକ ରିଟର୍ଣ୍ଣ ଦାଖଲ କରିଥିଲେ । ସେ ମେସର୍ସ ଲାଲ୍ ଆଣ୍ଡ କୋ. ଲିମିଟେଡ୍, ବିଏ 1335 ନାମକ ଜଣେ ପଞ୍ଜୀକୃତ ବ୍ୟବସାୟୀଙ୍କ ଠାରୁ ଧାରା 5(2)(a)(ii) ଅନୁଯାୟୀ ବିକ୍ରି ହୋଇଥିବା ସାମଗ୍ରୀ ପାଇଁ 2,40,000 ଟଙ୍କାର ଛାଡ଼ ଦାବି କରିଥିଲେ । ସେହିଭଳି, ସେ ଶେଷ ହୋଇଥିବା ତ୍ରୟମାସିକ ପାଇଁ ସେପ୍ଟେମ୍ବର 30, 1951 ରେ 15,677 ଟଙ୍କାର ଛାଡ ଦାବି କରିଥିଲେ । ବିକ୍ରୟ ଟିକସ ଅଧିକାରୀ, କଟକ 3ୟ ସର୍କଲ, ଯାଜପୁର, ଓଡ଼ିଶା, ଅଧିନିୟମର ଧାରା 12(2) ଅନୁଯାୟୀ ପାରିତ ହୋଇଥିବା ଦୁଇଟି ମୂଲ୍ୟାଙ୍କନ ଆଦେଶ ଦ୍ୱାରା,ଦେୟ ଟିକସ ନିର୍ଦ୍ଧାରଣ କରିଥିଲେ, ଯାହାଦ୍ୱାରା 2,40,000 ଟଙ୍କା ଏବଂ ଧାରା 5 (2)(a)(ii) ଅଧୀନରେ 15,677 ଟଙ୍କାର 1/3 ଛାଡ଼ କରାଯାଇ ପାରିବ । ବ୍ୟବସାୟୀ ମୂଲ୍ୟାଙ୍କନ ଆଧାରକୁ ପ୍ରାସଙ୍ଗିକ ନଥିବା ଆହ୍ୱାନ କରି ସହକାରୀ ବିକ୍ରୟ କର ଅଧିକାରୀଙ୍କ ନିକଟରେ ଆବେଦନ ଦାଖଲ କରିଥିଲେ । ପରେ ବ୍ୟବସାୟୀ ସହକାରୀ ଅଧିକାରୀଙ୍କ ନିଷ୍ପତ୍ତି ବିରୁଦ୍ଧରେ ପୁନରୀକ୍ଷଣ ଦାୟର କରିଥିଲେ । ପୁନରୀକ୍ଷଣ ବିଚାରାଧୀନ ଥିବାବେଳେ, ବିଧାନସଭା ଓଡ଼ିଶା ବିକ୍ରୟ ଟିକସ (ସଂଶୋଧନ) ଅଧିନିୟମ (ଓଡ଼ିଶା ଅଧିନିୟମ XX/1957) ଦ୍ୱାରା 1957 ରେ ଓଡ଼ିଶା ବିକ୍ରୟ ଟିକସ ଅଧିନିୟମକୁ ସଂଶୋଧନ କରିଥିଲା । ଏହି ସଂଶୋଧନର ପ୍ରଭାବ ଥିଲା ଯେ ବିକ୍ରୟ ଟିକସ ନ୍ୟାୟାଧିକରଣ ପୁନରୀକ୍ଷଣକୁ ଆବେଦନ ଭାବରେ ବିବେଚନା କରିଥିଲେ, ଏବଂ ଏହା ସରକାରଙ୍କୁ ପାଲଟା ଆପତ୍ତି ଦାଖଲ କରିବାକୁ ସକ୍ଷମ କରିଥିଲା । ଓଡ଼ିଶା ବିକ୍ରୟ ଟିକସ ନିୟମ, 1947 ର ନିୟମ 27 (2) ଅନୁଯାୟୀ ବ୍ୟବସାୟୀ କୌଣସି ଆବଶ୍ୟକୀୟ ଘୋଷଣା ଉପସ୍ଥାପନ କରିନଥିଲେ ଯାହା ନଥିରେ ରଖାଯାଇଥିବା ଯାଞ୍ଚ ଫର୍ଦ୍ଦରୁ ପ୍ରମାଣିତ ହୋଇଛି ଏହା ଆଧାରରେ ଓଡ଼ିଶା ରାଜ୍ୟ, ଏହି ସଂଶୋଧନକୁ ଅନୁସରଣ କରି 2,40,000 ଏବଂ 15,677ଟଙ୍କାର 1/3 ଛାଡ଼କୁ ଆପତ୍ତି କରି ପାଲଟା-ଆପତ୍ତିର ସ୍ମାରକ ପତ୍ର ଦାୟର କରିଥିଲେ । ନ୍ୟାୟାଧିକରଣ ଏହି ଆପତ୍ତିଟିକୁ ସମର୍ଥନ କରିଥିଲେ ଏବଂ ନୂତନ ମୂଲ୍ୟାଙ୍କନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବ୍ୟବସାୟୀଙ୍କ ଦ୍ୱାରା ନ୍ୟାୟାଧିକରଣ ସମ୍ମୁଖରେ ଅନ୍ୟ କେତେକ ପ୍ରଶ୍ନ ଉଠାଯାଇଥିଲା, କିନ୍ତୁ ଏହି ଆବେଦନଗୁଡ଼ିକ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ସେଗୁଡ଼ିକର ଉଲ୍ଲେଖ କରାଯାଉନାହିଁ । ନ୍ୟାୟାଧିକରଣ ଉଚ୍ଚ ନ୍ୟାୟାଳୟଙ୍କୁ ଏକ ମାମଲା ଦର୍ଶାଇଥିଲେ ଏବଂ ଉଲ୍ଲେଖ କରାଯାଇଥିବା ପ୍ରଶ୍ନଗୁଡିକ ମଧ୍ୟରୁ ଗୋଟିଏ ଥିଲା "ମୂଲ୍ୟାଙ୍କନ ଅଧିକାରୀ ଦରଖାସ୍ତକାରୀଙ୍କ ସମ୍ପୃକ୍ତ ମୋଟ କାରବାରରୁ ତା 30-6-51 ରିଖରେ ଶେଷ ହେବାକୁ ଥିବା ତିନି ମାସ ପାଇଁ 2,40,000/- ଟଙ୍କା ଏବଂ ତା 30-9-51 ରିଖରେ ଶେଷ ହେବାକୁ ଥିବା ତିନି ମାସ ପାଇଁ 15,677 ଟଙ୍କାର 1/3 କାଟିବାକୁ ଅନୁମତି ଦେବାରେ ଭୁଲ କରିନଥିଲେ କି ।" ଉଚ୍ଚ ନ୍ୟାୟାଳୟ ଓଡ଼ିଶା *ସଦସ୍ୟ ବିକ୍ରୟ-ଟିକସ ନ୍ୟାୟାଧିକରଣର ବନାମ ମେସର୍ସ ଏସ. ଲାଲ ଆଣ୍ଡ କୋ. ଲିମିଟେଡରେ*

ଏହାର ପୂର୍ବ ନିଷ୍ପତ୍ତିକୁ ଅନୁସରଣ କରି ଏହି ପ୍ରଶ୍ନର ସକାରାତ୍ମକ ଉତ୍ତର ଦେଇଥିଲେ । ଓଡ଼ିଶା ରାଜ୍ୟ ଏହି ନ୍ୟାୟାଳୟରୁ ସ୍ୱତନ୍ତ୍ର ଅନୁମତି ପାଇବା ପରେ, ଏହି ଆବେଦନଗୁଡ଼ିକ ବର୍ତ୍ତମାନ ସମାଧାନ ପାଇଁ ଆମ ସମ୍ମୁଖରେ ରହିଛି ।

ଓଡ଼ିଶା ରାଜ୍ୟ ତରଫରୁ ଶ୍ରୀ ଗଣପତି ଆୟାର ଆମ ସମ୍ମୁଖରେ ଯୁକ୍ତି କରିଛନ୍ତି ଯେ ଏହା ସ୍ପଷ୍ଟ ଯେ ନିୟମ 27(2) ପାଳନ କରାଯାଇ ନାହିଁ, ଏବଂ ତେଣୁ ବିକ୍ରୟ ଟିକସ ଅଧିକାରୀ ଉକ୍ତ ଛାଡ଼କୁ ଅନୁମତି ଦେବାରେ ଉଚିତ ନଥିଲେ । ଉଲ୍ଲେଖିତ ପ୍ରଶ୍ନର ଉତ୍ତର ଧାରା 5 (2)(a)(ii), ଏବଂ ଧାରା 27(2) ର ସଠିକ୍ ବ୍ୟାଖ୍ୟା ଉପରେ ନିର୍ଭର କରେ । ସେଗୁଡିକ ଏହିପରି ବ୍ୟାଖ୍ୟା କରନ୍ତି:-

"ଧାରା 5(2)(a)(ii) - କ୍ରୟ ବ୍ୟବସାୟୀଙ୍କ ପଞ୍ଜୀକରଣ ପ୍ରମାଣପତ୍ରରେ ନିର୍ଦ୍ଦିଷ୍ଟ ହୋଇଥିବା ସାମଗ୍ରୀର ଜଣେ ପଞ୍ଜୀକୃତ ବ୍ୟବସାୟୀଙ୍କୁ ବିକ୍ରୟ ଯାହା ଓଡ଼ିଶାରେ ତାଙ୍କ ଦ୍ୱାରା ପୁନଃ ବିକ୍ରୟ ପାଇଁ ଏବଂ ଏହିପରି ସାମଗ୍ରୀଗୁଡିକୁ ଭର୍ତ୍ତି କରିବା ପାଇଁ ଥିବା ପାତ୍ରଗୁଡିକୁ କିମ୍ବା ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକୁ ଜଣେ ପଞ୍ଜୀକୃତ ବ୍ୟବସାୟୀଙ୍କ ବିକ୍ରୟ ପାଇଁ ଉଦ୍ଦିଷ୍ଟ ହୋଇଥାଏ ।

ଉଲ୍ଲେଖଥାଉକି, ଯେତେବେଳେ ପଞ୍ଜୀକୃତ ବ୍ୟବସାୟୀଙ୍କ ଦ୍ୱାରା ଏପରି ଦ୍ରବ୍ୟ ତାଙ୍କ ପଞ୍ଜୀକରଣ ପ୍ରମାଣପତ୍ରରେ ନିର୍ଦ୍ଧାରିତ ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥାଏ, ସେତେବେଳେ ସେପରି ବ୍ୟବହୃତ ଦ୍ରବ୍ୟର ମୂଲ୍ୟ ତାଙ୍କ ଟିକସଯୋଗ୍ୟ କାରବାରରେ ଅନ୍ତର୍ଭୁକ୍ତ ହେବ ।

"ନିୟମ 27 (2)। ଧାରା 5 ର ଉପଧାରା (2) ର ଖଣ୍ଡ (a) ର ଉପ-ଖଣ୍ଡ (ii) ଅନୁଯାୟୀ କାରବାର ପାଇଁ ଦାବି କରାଯାଇଥିବା କାଟ -

ଜଣେ ବ୍ୟବସାୟୀ ଯିଏ ଓଡ଼ିଶାରେ ହୋଇଥିବା ବିକ୍ରୟ ଉପରେ ତାଙ୍କର ମୋଟ କାରବାରରୁ ବିକ୍ରିର ପରିମାଣ ଏହି ଆଧାରରେ କାଟିବାକୁ ଚାହାଁନ୍ତି ଯେ ସେ ଅଧିନିୟମ 5 ର ଉପ-ଖଣ୍ଡ (2) ର ଖଣ୍ଡ (a) ର ଉପଧାରା (2) ଅନୁଯାୟୀ ଏପରି କାଟିବା ପାଇଁ ହକଦାର ଅଟନ୍ତି, ପ୍ରାସଙ୍ଗିକ ନଗଦ ରସିଦ କିମ୍ବା ମୂଲ୍ୟପତ୍ରର ଏକ ନକଲ ଉପସ୍ଥାପନ କରିବେ ଯେହେତୁ ବିକ୍ରୟ ହେଉଛି ଏକ ନଗଦ ବିକ୍ରୟ କିମ୍ବା ଏପରି ବିକ୍ରୟ ସମ୍ବନ୍ଧରେ ନଗଦ ଉଧାର ଉପରେ ବିକ୍ରୟ ଏବଂ କ୍ରୟ ବ୍ୟବସାୟୀଙ୍କ ଦ୍ୱାରା କିମ୍ବା ଏପରି ଦାୟିତ୍ୱବାନ ବ୍ୟକ୍ତିଙ୍କ ଦ୍ୱାରା ଲିଖିତ ଭାବରେ ଏକ ସତ୍ୟ ଘୋଷଣା ଯାହା ତାଙ୍କ ଦ୍ୱାରା ପୁନଃ ବିକ୍ରୟ ପାଇଁ କିମ୍ବା କୌଣସି ଚୁକ୍ତିନାମା କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ବୋଲି କ୍ରୟ ବ୍ୟବସାୟୀଙ୍କ ପଞ୍ଜୀକରଣ ପ୍ରମାଣପତ୍ରରେ ନିର୍ଦ୍ଦିଷ୍ଟ ହୋଇଛି ।

ଉଲ୍ଲେଖଥାଉକି, ଯେଉଁ ବର୍ଷ ମଧ୍ୟରେ କ୍ରୟ କରାଯାଇଛି, ସେହି ବର୍ଷ ପାଇଁ ଯେଉଁ ବ୍ୟବସାୟୀଙ୍କ **ପଞ୍ଜୀକରଣ** ପ୍ରମାଣପତ୍ର ନବୀକରଣ କରାଯାଇନାହିଁ, ସେପରି କୌଣସି ବ୍ୟବସାୟୀ ଏପରି ଘୋଷଣା କରିବେ ନାହିଁ ଏବଂ ବିକ୍ରୟକାରୀ ବ୍ୟବସାୟୀ ଏପରି ବ୍ୟବସାୟୀଙ୍କର ବିକ୍ରିର କୌଣସି ଛାଡ଼ ଦାବି କରିବା ପାଇଁ ହକଦାର ହେବେ ନାହିଁ ।

ଧାରା 5(2)(a)(ii) ର ସର୍ତ୍ତାବଳୀରୁ ଏହା ସ୍ପଷ୍ଟ ଯେ ଜଣେ ବିକ୍ରୟ ବ୍ୟବସାୟୀ ଦ୍ରବ୍ୟରେ ପଞ୍ଜୀକୃତ ବ୍ୟବସାୟୀଙ୍କ ଠାରୁ ବିକ୍ରୟ ସମ୍ବନ୍ଧରେ ଏକ ଛାଡ଼ ପାଇବାକୁ ହକଦାର, ଯଦି କ୍ରୟ ବ୍ୟବସାୟୀଙ୍କ ପଞ୍ଜିକରଣ ପ୍ରମାଣପତ୍ରରେ ଦ୍ରବ୍ୟଟି ଓଡ଼ିଶାରେ ତାଙ୍କ ଦ୍ୱାରା ପୁନଃ ବିକ୍ରୟ ପାଇଁ ଉଦ୍ଦିଷ୍ଟ ବୋଲି ନିର୍ଦ୍ଦିଷ୍ଟ ହୋଇଛି । ଉପରୋକ୍ତ ଧାରା ଦ୍ୱାରା ଅନ୍ୟ କୌଣସି ସର୍ତ୍ତ ଲାଗୁ କରାଯାଇନାହିଁ । ଯଦି କ୍ରେତା ବ୍ୟବସାୟୀ ତାଙ୍କ ପଞ୍ଜିକରଣ ପ୍ରମାଣପତ୍ରରେ ନିର୍ଦ୍ଦିଷ୍ଟ ହୋଇଥିବା ଉଦ୍ଦେଶ୍ୟ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ସେଗୁଡ଼ିକୁ ବ୍ୟବହାର କରନ୍ତି, ଏବଂ ନିର୍ଦ୍ଦେଶ ଦିଅନ୍ତି ଯେ, ସେହି ପରିସ୍ଥିତିରେ, ଏହିପରି ବ୍ୟବହୃତ ଦ୍ରବ୍ୟର ମୂଲ୍ୟ ତାଙ୍କ କାରବାରରେ

ଅନ୍ତର୍ଭୁକ୍ତ ହେବ, ତେବେ ପରବର୍ତ୍ତୀ ପରିଣାମ ସହିତ ଏହି ସର୍ତ୍ତାବଳୀ ଜଡିତ ହେବ । ତେଣୁ, ଏହି ଧାରାରେ ଏପରି କିଛି ନାହିଁ ଯାହା ଜଣେ ବିକ୍ରୟ ବ୍ୟବସାୟୀଙ୍କୁ ଛାଡ଼ରୁ ବଞ୍ଚିତ କରେ, କିନ୍ତୁ ଯଦି ସର୍ତ୍ତାବଳୀରେ ଦିଆଯାଇଥିବା ଆକସ୍ମିକତା ଘଟେ, ତେବେ ଦ୍ରବ୍ୟର ମୂଲ୍ୟ କ୍ରୟ ବ୍ୟବସାୟୀଙ୍କ ଟିକସଯୋଗ୍ୟ କାରବାରରେ ଅନ୍ତର୍ଭୁକ୍ତ ହେବ । କିନ୍ତୁ ଶ୍ରୀ ଗଣପତି ଆୟାର କହନ୍ତି, ତାହା ସେପରି ହେଉ, କିନ୍ତୁ ନିୟମ ପ୍ରଣୟନକାରୀ କର୍ତ୍ତୃପକ୍ଷ ଏହି ଅଧିନିୟମର ଉଦ୍ଦେଶ୍ୟ ପୂରଣ କରିବା ପାଇଁ ନିୟମ ପ୍ରଣୟନ କରିବାର ଅଧିକାରୀ ଅଟନ୍ତି, ଏବଂ ଧାରା 27 (2) ଏହା ସୁନିଶ୍ଚିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି ଯେ ଜଣେ କ୍ରୟ ବ୍ୟବସାୟୀଙ୍କର ପଞ୍ଜୀକରଣ ପ୍ରମାଣପତ୍ର, ବାସ୍ତବରେ, ଉଲ୍ଲେଖ କରେ ଯେ ସାମଗ୍ରୀ ତାଙ୍କ ଦ୍ୱାରା ପୁନଃବିକ୍ରୟ ପାଇଁ ଉଦ୍ଦିଷ୍ଟ, ଏବଂ ସେହି ଉଦ୍ଦେଶ୍ୟରେ ଏହା ବିକ୍ରୟ ଟିକସ ଅଧିକାରୀଙ୍କ ସମ୍ମୁଖରେ ତଥ୍ୟ ପ୍ରମାଣ କରିବାର ଏକ ସ୍ୱତନ୍ତ୍ର ପଦ୍ଧତି ବାଛିଛି । ସେ ଆହୁରି ଯୁକ୍ତି କରିଛନ୍ତି ଯେ ଏହି ସତ୍ୟକୁ ପ୍ରମାଣ କରିବା ପାଇଁ ଅନ୍ୟ କୌଣସି ପଦ୍ଧତି ଗ୍ରହଣୀୟ ନୁହେଁ । ନିୟମ 27(2) ବାଧ୍ୟତାମୂଳକ ଏବଂ ଯଦି ଏହାର ଭଙ୍ଗ ହୁଏ, ତେବେ ବିକ୍ରୟ ବ୍ୟବସାୟୀ ଛାଡ଼ ପାଇବାକୁ ହକଦାର ନୁହଁନ୍ତି । ଅନ୍ୟପକ୍ଷରେ, ପ୍ରତିବାଦୀଙ୍କ ବିଦ୍ୱାନ ଅଧିବକ୍ତା ଯୁକ୍ତି କରିଛନ୍ତି ଯେ ନିୟମ 27 (2) ହେଉଛି ନିର୍ଦ୍ଦେଶିକା । ସେ ଦର୍ଶାଇଛନ୍ତି ଯେ 'ହେବ' ଶବ୍ଦକୁ ସନ୍ଦର୍ଭରେ 'ହୋଇପାରେ' ଭାବରେ ପଢ଼ିବା ଉଚିତ୍ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଯଦି ବିକ୍ରୟ ବ୍ୟବସାୟୀ ଜଣେ କ୍ରୟ ବ୍ୟବସାୟୀଙ୍କ ପଞ୍ଜୀକରଣର ମୂଳ ପ୍ରମାଣପତ୍ର ଆଣି ବିକ୍ରୟ ଟିକସ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରନ୍ତି, ଆବେଦନକାରୀଙ୍କ ଅନୁଯାୟୀ, ଏହା ଯଥେଷ୍ଟ ହେବ ନାହିଁ, କିନ୍ତୁ ଏହା କଦାପି ଅଭିପ୍ରେତ ହୋଇନଥାନ୍ତା । ଆମ ମତରେ ନିୟମ 27(2) କୁ ଧାରା ସହିତ ସମନ୍ୱିତ କରାଯିବା ଆବଶ୍ୟକ ଏବଂ ଏହାକୁ ନିର୍ଦ୍ଦେଶିକା ଭାବରେ ବିବେଚନା କରି ନିୟମଟିକୁ ସମନ୍ୱିତ କରାଯାଇପାରିବ । କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଏହି ନିୟମକୁ ବ୍ୟାପକ ଭାବେ ପାଳନ କରାଯିବା ଆବଶ୍ୟକ । ବିକ୍ରୟ ଟିକସ ଅଧିକାରୀ ସନ୍ତୁଷ୍ଟ ହେବା ଉଚିତ ଯେ, ବାସ୍ତବରେ, କ୍ରୟ ବ୍ୟବସାୟୀଙ୍କର ପଞ୍ଜୀକରଣ ପ୍ରମାଣପତ୍ରରେ ଆବଶ୍ୟକ ବିବୃତି ରହିଛି, ଏବଂ ଯଦି ସେ ଏହା ବିଷୟରେ କୌଣସି ସନ୍ଦେହ କରନ୍ତି, ତେବେ ବିକ୍ରୟ ବ୍ୟବସାୟୀ ତାଙ୍କ ସନ୍ଦେହକୁ ଦୂର କରିବା ଆବଶ୍ୟକ । କିନ୍ତୁ ଯଦି ସେ ନଥିରେ ଥିବା ଅନ୍ୟ ତଥ୍ୟରେ ସନ୍ତୁଷ୍ଟ ହୁଅନ୍ତି, ତେବେ ଏହା ଆବଶ୍ୟକ ନୁହେଁ ଯେ ବିକ୍ରୟ ବ୍ୟବସାୟୀ ଏକ ଛାଡ଼ ପାଇବାକୁ ହକଦାର ହେବା ପୂର୍ବରୁ ନିୟମ 27 (2) ରେ ଥିବା ଆବଶ୍ୟକ ଫର୍ମରେ ଏକ ଘୋଷଣା ଉପସ୍ଥାପନ କରିବା ଉଚିତ୍ ।

ତେଣୁ ଆମର ମତ ହେଉଛି ଯେ ଉଚ୍ଚ ନ୍ୟାୟାଳୟ ଏକ ସଠିକ୍ ଉପସଂହାରରେ ପହଞ୍ଚିଛନ୍ତି । ନିୟମ 27 (2) ଅନୁଯାୟୀ ଏକ ଘୋଷଣାନାମା ଉପସ୍ଥାପନ କରିବା ସମୟରେ ଛାଡ଼ ଦାବି କରିବା ଜଣେ ବିକ୍ରୟ ବ୍ୟବସାୟୀଙ୍କ ପକ୍ଷରେ ସର୍ବଦା ବାଧ୍ୟତାମୂଳକ ନୁହେଁ ବୋଲି ଉଚ୍ଚ ନ୍ୟାୟାଳୟ ଠିକ୍ କହିଛନ୍ତି । ଅଧିନିୟମ 5 (2)(a)(ii) ର ପରିସର ମଧ୍ୟରେ କାରବାରକୁ ଆଣିବା ପାଇଁ ଅନ୍ୟ ପ୍ରମାଣ ଉପସ୍ଥାପନ କରି ଛାଡ଼ ଦାବି କରିବା ତାଙ୍କ ପାଇଁ ଉନ୍ମୁକ୍ତ ଅଟେ । ଏହି ମାମଲାରେ, ବିକ୍ରୟ ଟିକସ ଅଧିକାରୀ ବ୍ୟବସାୟୀଙ୍କର କେବଳ ଏକ ବିବୃତିରେ ସନ୍ତୁଷ୍ଟ ହୋଇଥିଲେ ଏବଂ ଏହା ଦର୍ଶାଯାଇନାହିଁ ଯେ ପ୍ରକୃତରେ କ୍ରୟ ବ୍ୟବସାୟୀ ମେସର୍ସ ଏସ୍. ଲାଲ୍ ଆଣ୍ଡ କୋ. ଙ୍କ ପଞ୍ଜୀକରଣ ପ୍ରମାଣପତ୍ରରେ ଏହି ବିବୃତି ନାହିଁ ଯେ ସାମଗ୍ରୀଗୁଡ଼ିକ ଓଡ଼ିଶାରେ ତାଙ୍କ ଦ୍ୱାରା ପୁନଃ ବିକ୍ରୟ ପାଇଁ ଉଦ୍ଦିଷ୍ଟ ଥିଲା ।

ତଦନୁସାରେ ଆବେଦନଗୁଡ଼ିକ ବିଫଳ ହୁଏ ଏବଂ ଖର୍ଚ୍ଚ ସହିତ ଖାରଜ ହୁଏ । ଏକ କିତା ଶୁଣାଣି ଦେୟ ।

*ଆବେଦନଗୁଡିକ ଖାରଜ ହେଲା ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା: ତପସ୍ୱିନୀ ବିଶ୍ୱାଳ**

**ଉଚ୍ଚ ନ୍ୟାୟାଳୟ ଓଡିଶା**